# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**23 July – 2025**

**News Editor : Tapan Kumar Moharana**

**********************************

## ମୁଖ୍ୟ ସମ୍ବାଦ

- ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ସଂସଦର ଉଭୟ ସଦନ ଆଜି ପାଇଁ ମୁଲତବୀ
- ରାଜ୍ୟରେ ୫୬ଟି ନୂଆ ସିଭିଲକୋର୍ଟ ଖୋଲିବା ନେଇ ନିଷ୍ପତ୍ତି ନେଲେ ସରକାର
- ସିବିଏସ୍‌ଇ ପରି ରାଜ୍ୟର ସମସ୍ତ ବିଦ୍ୟାଳୟରେ ସିସିଟିଭି କ୍ୟାମେରା ଲଗାଯିବା ନେଇ ସୂଚନା ଦେଲେ ଗଣଶିକ୍ଷାମନ୍ତ୍ରୀ
- ପ୍ରଥମ ରେଡିଓ ପ୍ରସାରଣକୁ ସ୍ମରଣ କରି ଆଜି ପାଳନ କରାଯାଉଛି ଜାତୀୟ ପ୍ରସାରଣ ଦିବସ

ଏବଂ

- ସାମୁଦ୍ରିକ ବାତ୍ୟା ଉଇଫାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରପାତ ସହ ବର୍ଷା ସମ୍ଭାବନା

# ଏଲ୍‌ଏସ୍‌-ଆର୍‌ଏସ୍ ମୁଲତବୀ

ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ସଂସଦର ଉଭୟ ସଦନକୁ ଆଜି ପାଇଁ ମୁଲତବୀ ରଖାଯାଇଛି। ପୂର୍ବାହ୍ନ ୧୧ଟାରେ ଲୋକସଭା ବୈଠକ ଆରମ୍ଭ ହୋଇଥିଲା । ବାଚସ୍ପତି ଓମ୍ ବିର୍ଲା ପ୍ରଶ୍ନକାଳ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେବା ପରେ ବିରୋଧୀ ସଦସ୍ୟମାନେ ବିହାରରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ଏବଂ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା ଦାବି କରି ସ୍ଲୋଗାନମାନ ଦେଇଥିଲେ । ହଟ୍ଟଗୋଳ ଜାରି ରହିବାରୁ ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଫଳରେ ଲୋକସଭାକୁ ଆଜିପାଇଁ ମୁଲତବୀ ରଖାଯାଇଛି।

ରାଜ୍ୟସଭାରେ ମଧ୍ୟ ଅନୁରୂପ ପରିସ୍ଥିତି ଦେଖିବାକୁ ମିଳିଥିଲା । ପୂର୍ବାହ୍ନ ୧୧ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବା କ୍ଷଣି ବିରୋଧୀ ଦଳର ସଦସ୍ୟମାନେ ବିହାର ଭୋଟରତାଲିକା ସ୍ୱତନ୍ତ୍ର ସଂଶୋଧନ ଏବଂ ଅନ୍ୟାନ୍ୟ ପ୍ରସଙ୍ଗ ନେଇ ମୁଲତବୀ ନୋଟିସ୍ ଦେଇଥିଲେ । ତେବେ ଗୃହର ଉପାଧ୍ୟକ୍ଷ ହରିବଂଶ ଏହି ନୋଟିସ୍‌କୁ ଖାରଜ କରିଦେଇଥିଲେ ।  ଦିନ ଦୁଇଟା ପରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ପୁନଶ୍ଚ ହଟ୍ଟଗୋଳ ସ୍ଥିତି ଲାଗି ରହିବାରୁ ରାଜ୍ୟସଭାକୁ ମୁଲତବୀ ରଖାଯାଇଛି।

# ଉପରାଷ୍ଟ୍ରପତି ନିର୍ବାଚନ

ଉପରାଷ୍ଟ୍ରପତି ପଦବୀରୁ ଜଗଦୀପ ଧନଖଡ ଇସ୍ତଫା ଦେବା ପରେ ଏହି ପଦବୀ ଲାଗି ନିର୍ବାଚନ କମିଶନଙ୍କ ପକ୍ଷରୁ ଆଜି ପ୍ରକ୍ରିୟା ଆରମ୍ଭ ହୋଇଛି।

ଉପରାଷ୍ଟ୍ରପତି ନିର୍ବାଚନ ସକାଶେ ପ୍ରସ୍ତୁତି କାର୍ଯ୍ୟ ଶେଷ ହେବା ପରେ ନିର୍ବାଚନ କମିଶନଙ୍କ ପକ୍ଷରୁ ତାରିଖ ଘୋଷଣା କରାଯିବ। ଏହା ପୂର୍ବରୁ ରାଜ୍ୟସଭା ଓ ଲୋକସଭାର ନିର୍ବାଚିତ ଓ ମନୋନୀତ ସଦସ୍ୟଙ୍କୁ ନେଇ ଇଲେକ୍‌ଟୋରାଲ୍ କଲେଜ୍ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଯାଇଛି। ସମ୍ବିଧାନର ଅନୁଚ୍ଛେଦ ୩୨୪ ଅନୁଯାୟୀ, ଉପରାଷ୍ଟ୍ରପତି ପଦବୀ ସକାଶେ ନିର୍ବାଚନ କରାଯିବାର ବିଧି ରହିଛି।

## ସିଭିଲକୋର୍ଟ ସ୍ଥାପନ

ରାଜ୍ୟରେ ଆଉ ୫୬ଟି ନୂଆ ସିଭିଲକୋର୍ଟ ସ୍ଥାପନ କରାଯିବ। ଏଥିପାଇଁ ଉଭୟ ଗେଜେଟେଡ୍ ଏବଂ ଅଣଗେଜେଟେଡ୍ ବର୍ଗର ୮୪୦ଟି ନୂଆ ପଦବୀକୁ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ମଞ୍ଜୁରୀ ପ୍ରଦାନ କରିଛନ୍ତି। ରାଜ୍ୟ ଆଇନ୍ ବିଭାଗ ପକ୍ଷରୁ ଆକାଉଣ୍ଟାଣ୍ଟ ଜେନେରାଲଙ୍କୁ ଚିଠି ମାଧ୍ୟମରେ ଏହା ଅବଗତ କରାଯାଇଛି। ମାଲକାନଗିରି, ମୟୂରଭଞ୍ଜ, ନୂଆପଡା, ପୁରୀ, ନବରଙ୍ଗପୁର, ରାୟଗଡ଼ା, ସମ୍ବଲପୁର ଏବଂ ସୁନ୍ଦରଗଡ଼ରେ ଏହି କୋର୍ଟଗୁଡ଼ିକ ଖୋଲାଯିବ। ସେଥିମଧ୍ୟରେ ମୟୂରଭଞ୍ଜରେ ସର୍ବାଧିକ ୧୨ଟି ନୂଆ ସିଭିଲକୋର୍ଟ ସ୍ଥାପନ କରାଯିବ।

## ସିବିଏସ୍‌ଇ-କ୍ୟାମେରା

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ-ସିବିଏସ୍ ପରି ରାଜ୍ୟର ସମସ୍ତ ବିଦ୍ୟାଳୟରେ ସିସିଟିଭି କ୍ୟାମେରା ଲଗାଯିବ ବୋଲି ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ

ରଖି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏଭଳି ପଦକ୍ଷେପ ନିଆଯିବ। ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି, ସ୍କୁଲର ପ୍ରବେଶ ପଥ, ପ୍ରସ୍ଥାନସ୍ଥଳ, ପ୍ରତୀକ୍ଷାସ୍ଥଳ, ଶ୍ରେଣୀଗୃହ, ପରୀକ୍ଷାଗାର ସମେତ ଅନ୍ୟାନ୍ୟ ସାଧାରଣ ଅଂଚଳରେ କ୍ୟାମେରା ଲଗାଇବା ପାଇଁ ବିଭାଗ ପକ୍ଷରୁ ବିଚାର କରାଯାଉଛି।

## ବାଟାଲିୟନ ଗଠନ

ରାଜ୍ୟରେ ଓଡ଼ିଶା ଶିଳ୍ପ ନିରାପତ୍ତା ବାହିନୀ-OISFର ଆଉ ଦୁଇଟି ବାଟାଲିୟନ୍ ଗଠନ କରାଯିବା ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହି ଦୁଇଟି ନୂତନ ବାଟାଲିୟନ୍ ପାଇଁ ସମୁଦାୟ ୨ ହଜାର ୮୦ଟି ପଦବୀ ସୃଷ୍ଟି କରାଯାଇଛି। ଏଥିରୁ ୧ ହଜାର ୯୪୪ଟି ନିୟମିତ ପଦବୀ ଥିବାବେଳେ ୧୩୬ଟି ଆଉଟ୍‌ସୋର୍ସିଂ ଭିତ୍ତିରେ ପୂରଣ ହେବ।

ରାଜ୍ୟରେ OISFରେ ଦୁଇଟି ବାଟାଲିୟନ୍ ରହିଛି। ବର୍ତ୍ତମାନ ଆଉ ଦୁଇଟି ବାଟାଲିୟନ୍ ସୃଷ୍ଟି ହେବା ପରେ OISFରେ ସମୁଦାୟ ପଦବୀ ସଂଖ୍ୟା ୪ ହଜାର ୯୨୭ରେ ପହଞ୍ଚିବ। ଶିଳ୍ପ ପ୍ରତିଷ୍ଠାନ ଓ ବାଣିଜ୍ୟିକ ସ୍ଥାନଗୁଡ଼ିକର ସୁରକ୍ଷାକୁ ଦୃଷ୍ଟିରେ ରଖାଯାଇ ଏହି ଦୁଇଟି ବାଟାଲିୟନ୍ ଗଠନକୁ ମଞ୍ଜୁରୀ ମିଳିଥିବା ସରକାରୀ ଭାବେ କୁହାଯାଇଛି।

## ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ-ପ୍ରଭାତୀ ପରିଡା

କର୍ମକ୍ଷେତ୍ରରେ ମହିଳା ଏବଂ ପୁରୁଷଙ୍କୁ ସମାନ ସୁଯୋଗ ଦେବାପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ଭୁବନେଶ୍ୱର ଲୋକସେବା ଭବନରେ କର୍ମଚାରୀମାନଙ୍କ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀମତୀ ପରିଡା  କର୍ମକ୍ଷେତ୍ରରେ ମହିଳାଙ୍କ ଉପରେ ଯୌନ ନିର୍ଯାତନା ନିବାରଣ ଆଇନ୍-୨୦୧୩ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଯୌନ ଉତ୍ପୀଡନ ଉପରେ ରୋକ ଲଗାଇବା ନିମନ୍ତେ ଜନସଚେତନତା ସହ ଦୋଷୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି। ଏହି ଆଇନ୍‌କୁ ସାମାଜିକ କର୍ତ୍ତବ୍ୟ ଏବଂ ଦାୟିତ୍ୱ ଭାବରେ ଗ୍ରହଣ କରିବାକୁ ଉପମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଅନୁରୋଧ କରିଛନ୍ତି।

## ଜାତୀୟ ପ୍ରସାରଣ ଦିବସ

ଦେଶରେ ବିକାଶ, ଶିକ୍ଷାଗତ ପ୍ରସାର ଏବଂ ସାଂସ୍କୃତିକ ସଂରକ୍ଷଣରେ ପ୍ରସାରଣ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ମନେ ପକାଇବା ପାଇଁ ଆଜି ସମଗ୍ର ଦେଶରେ **ଜାତୀୟ ପ୍ରସାରଣ ଦିବସ** ପାଳନ କରାଯାଉଛି। ୧୯୨୭ ମସିହା ଆଜିର ଦିନରେ ଭାରତୀୟ ପ୍ରସାରଣ କମ୍ପାନୀ ଅଧୀନରେ ବମ୍ବେ ଷ୍ଟେସନରୁ ଦେଶର ପ୍ରଥମ ରେଡିଓ ପ୍ରସାରଣ ଆରମ୍ଭ ହୋଇଥିଲା। ୧୯୩୬ ମସିହା ଜୁନ୍ ମାସ ୮ ତାରିଖରେ ଭାରତୀୟ ରାଜ୍ୟ ପ୍ରସାରଣ ସେବାର ନାମ ଅଲ୍ ଇଣ୍ଡିଆ ରେଡିଓ-ଏଆଇଆର ରଖାଯାଇଥିଲା ଏବଂ ପରେ ଏହା ଆକାଶବାଣୀ ନାମରେ ନାମିତ ହୋଇଥିଲା। ଦଶନ୍ଧିବ୍ୟାପୀ ବିଭିନ୍ନ ବର୍ଗର ବିଶ୍ୱସ୍ତ ଶ୍ରୋତାଙ୍କ ନିକଟରେ

ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ମନୋରଞ୍ଜନ ଭଳି ବିଭିନ୍ନ କ୍ଷେତ୍ର ସମ୍ବନ୍ଧୀୟ ସୂଚନା ପହଞ୍ଚାଇବା ସହ ଆକାଶବାଣୀ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ସୁଦୀର୍ଘ ଯାତ୍ରା ଜାରି ରଖିଛି । ଆସନ୍ତୁ ଏ ସମ୍ପର୍କରେ ଶୁଣିବା ଏକ ରିପୋର୍ଟ....

ସ୍ୱାଧୀନତା ସଂଗ୍ରାମ ସମୟରେ ସୂଚନା, ଶିକ୍ଷା ଓ ମନୋରଞ୍ଜନର ପ୍ରସାରଣ ବୃଦ୍ଧି ପାଇବା ସହ ରେଡିଓ ଏକ ଶକ୍ତିଶାଳୀ ମାଧ୍ୟମ ଭାବରେ ଜନମାନସରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା । ସ୍ୱାଧୀନତା ପରେ ସାକ୍ଷରତା, ସ୍ୱାସ୍ଥ୍ୟ ସଚେତନତା ଏବଂ କୃଷି ସମ୍ବନ୍ଧୀୟ ଜ୍ଞାନକୁ ପ୍ରୋତ୍ସାହିତ କରିବାରେ ବିଶେଷ ସହାୟକ ହୋଇଥିଲା । ୧୯୫୬ ମସିହାରେ ଜାତୀୟ ପ୍ରସାରଣକାରୀ ନାମକୁ ପରିବର୍ତ୍ତନ କରାଯାଇ ଆକାଶବାଣୀ ନାମରେ ନାମିତ କରାଗଲା । ପରବର୍ତ୍ତୀ ସମୟରେ ୧୯୫୭ ମସିହାରେ ବିବିଧଭାରତୀ ସେବା ଆରମ୍ଭ ହୋଇଥିଲା । ଏହା ଲୋକପ୍ରିୟ ଚଳଚ୍ଚିତ୍ରର ସଙ୍ଗୀତ ପ୍ରସାରଣ କରି ଶ୍ରୋତାଙ୍କୁ ମନୋରଞ୍ଜନର ଖୋରାକ୍ ଯୋଗାଇଥିଲା । ବର୍ଷବର୍ଷ ଧରି ଆକାଶବାଣୀ ସାମାଜିକ ଗଣମାଧ୍ୟମ, ନ୍ୟୁଜ୍ ଅନ୍ ଏଆଇଆର ମୋବାଇଲ୍ ଆପ୍, ପଡ୍‌କାଷ୍ଟ ସିରିଜ୍ ଆଦିରେ ନିଜର ଉପସ୍ଥିତି ଜାହିର କରିଆସିଛି । ପ୍ରସାରଣ ଦିବସ ଅବସରରେ ପ୍ରସାର ଭାରତୀର ଅଧ୍ୟକ୍ଷ **ନବନୀତ କୁମାର ସେହଗଲ** କହିଛନ୍ତି....

**- V/O -**

ପ୍ରସାରଣ ସେବା ପ୍ରତିଷ୍ଠା ହେବାର ଏହି ୮୯ ବର୍ଷ ମଧ୍ୟରେ ଆକାଶବାଣୀ ସବୁ ବର୍ଗର ଶ୍ରୋତାଙ୍କ ଚାହିଦାକୁ ପୂରଣ କରିଚାଲିଛି । ଶ୍ରୋତାଙ୍କୁ ସୂଚନା ପ୍ରଦାନ ସହ 'ବହୁ ଜନ ହିତାୟ ବହୁଜନ ସୁଖାୟ' ମୂଳମନ୍ତ୍ରକୁ ପାଳନ କରିବା ପାଇଁ ଦୃଢ଼ ପ୍ରୟାସ ଜାରି ରଖିଛି ।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ **ସ୍ମୃତିରେଖା ତାରେଣୀଆ**

## ଚିତାଲାଗି ନୀତି

**ପୁରୀ** ଶ୍ରୀମନ୍ଦିରରେ ଆସନ୍ତାକାଲି ଗୁରୁବାର ଶ୍ରାବଣ କୃଷ୍ଣ ଅମାବାସ୍ୟା ତିଥିରେ ଶ୍ରୀବିଗ୍ରହମାନଙ୍କର ଚିତାଲାଗି ନୀତି  ହେବ । ଏହି ଗୁପ୍ତ ନୀତି ପ୍ରଥମ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ଅନୁଷ୍ଠିତ ହେବ । ସେଥିପାଇଁ ଅପରାହ୍ଣ ୨ଟା ୩୦ ଠାରୁ ସନ୍ଧ୍ୟା ୬ଟା ୩୦ ପର୍ଯ୍ୟନ୍ତ ୪ ଘଣ୍ଟା ପାଇଁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

## ପ୍ରଶିକ୍ଷଣ ଶିବିର

**ନୟାଗଡ଼** ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ କାର୍ଯ୍ୟକ୍ଷେତ୍ରରେ ମହିଳାମାନଙ୍କର ଯୌନ ନିର୍ଯାତନା ନିବାରଣ, ନିଷେଧ ଓ ନିରାକରଣ ଆଇନ୍ ୨୦୧୩ ସମ୍ପର୍କିତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରଓ୍ୱାଲ କର୍ମଶାଳାରେ ଯୋଗଦେଇ ମହିଳାଙ୍କ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଆଇନ୍ ଓ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ ।

## ମୁଦ୍ରା ଯୋଜନା

**ଢେଙ୍କାନାଳ** ଜିଲ୍ଲାରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଢେଙ୍କାନାଳ ଶାଖା ୨୦୨୩-୨୪ ଆର୍ଥିକ ବର୍ଷରେ ୫୫ ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନାରେ ୨ କୋଟି ୫୦ ଲକ୍ଷ ଟଙ୍କା ରଣ ପ୍ରଦାନ କରାଯାଇଛି । ୨୦୨୧-୨୩ ଆର୍ଥିକବର୍ଷରେ ଏହି ଯୋଜନାରେ ୩୫ ଜଣଙ୍କୁ ୨୨ ଲକ୍ଷ ଟଙ୍କା ରଣ ପ୍ରଦାନ କରାଯାଇଛି । ଢେଙ୍କାନାଳ ସହରର ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନାରେ ପର୍ଯ୍ୟାୟକ୍ରମେ ୩ ଲକ୍ଷ ଟଙ୍କା ରଣ ନେଇ ବ୍ୟବସାୟ କରି ସ୍ୱାବଲମ୍ବୀ ହୋଇ ପାରିଛନ୍ତି । ଏ ନେଇ ସେ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

**- V/O - (** ପୂର୍ଣ୍ଣଚନ୍ଦ୍ର ସାହୁ **)**

## 'ମା' ପାଇଁ ଗଛଟିଏ'

'ମା' ପାଇଁ ଗଛଟିଏ' ଅଭିଯାନ ଅଧୀନରେ **ନୟାଗଡ଼** ବ୍ଲକ୍ ବଡ଼ପଣ୍ଡୁସର ଗାଁର ଶିବମନ୍ଦିର ପ୍ରାଙ୍ଗଣ ଓ ଇଟାମାଟି ଗାଁର ତନ୍ତୀସାହିଠାରେ ବିଜେପି କୃଷକମୋର୍ଚ୍ଚା ସଭାପତି ମହେଶ୍ୱର ସାହୁଙ୍କ ତତ୍ତ୍ୱାବଧାନରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହାପରେ ଏକ ଚାଷୀ ସମାବେଶ ଅନୁଷ୍ଠିତ ହୋଇଥିଲା । ଏଥିରେ ଶ୍ରୀ ସାହୁ ଉପସ୍ଥିତ ଜନସାଧାରଣଙ୍କୁ ଚାରା ବର୍ଣ୍ଟନ କରିଥିଲେ ।

## ସଡକ ସୁରକ୍ଷା

**ଭଦ୍ରକ** ବିନ୍ଦୁମାଧବ ବାଗୁରାଇ ହାଇସ୍କୁଲରେ ଜିଲ୍ଲା ପ୍ରଶାସନ ଓ ପରିବହନ ବିଭାଗ ପକ୍ଷରୁ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।  ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଓ ଅନ୍ୟ ଅତିଥିମାନେ ଯୋଗଦେଇ ସଡକ ସୁରକ୍ଷା ନିୟମ ପାଳନ କରିବା, କମ୍ ବୟସର ପିଲାମାନଙ୍କୁ ଯାନବାହନ ଚଳାଇବାକୁ ନ ଦେବା, ନିଜ ଜୀବନକୁ ସୁରକ୍ଷିତ ରଖିବା ଆଦି ବିଭିନ୍ନ ବିଷୟ ଉପରେ  ଗୁରୁତ୍ୱ ଦେଇଛନ୍ତି। ଏଥିରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଅଭିଭାବକ ଯୋଗଦେଇ ଥିଲେ।

## ଝାଡାବାନ୍ତି

**ନୂଆପଡା** ଜିଲ୍ଲା ସିନାପାଲି ବ୍ଲକ୍‌ର ପାର୍ବତ୍ୟ ଅଞ୍ଚଳ ନଙ୍ଗଲବୋର୍ଡରେ ଝାଡାବାନ୍ତି ଯୋଗୁଁ ୧୬ ଜଣ ଆକ୍ରାନ୍ତ ହୋଇଥିବାବେଳେ ୬ ଜଣ ଗୁରୁତର ଅଛନ୍ତି। ଗୁରୁତର ଆକ୍ରାନ୍ତଙ୍କ ମଧ୍ୟରୁ ୨ ଜଣଙ୍କୁ ନୂଆପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଆକ୍ରାନ୍ତମାନେ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଡାକ୍ତରୀଦଳ ଗାଁକୁ ଗାଁ ଯାଇ ସଚେତନତା ସୃଷ୍ଟି କରିବା ସହ ଔଷଧ ବଣ୍ଟନ କରିଛନ୍ତି ବୋଲି ଡାକ୍ତର ପ୍ରତୀପ ପଣ୍ଡା କହିଛନ୍ତି।

# ପାଣିପାଗ

ସାମୁଦ୍ରିକ ବାତ୍ୟା ଉଇଫାର ପ୍ରଭାବରେ ଉତ୍ତର ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ସକ୍ରିୟ ହେବାରେ ଲାଗିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଲଘୁଚାପ କ୍ଷେତ୍ରରେ ପରିଣତ ହେବାର ସମ୍ଭାବନା ରହିଛି। ଏହାର

ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରପାତ ସହ ପ୍ରବଳ ବର୍ଷା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ସମ୍ଭାବ୍ୟ ବର୍ଷା ଜନିତ ବନ୍ୟା ସ୍ଥିତିର ମୁକାବିଲା କରିବା ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ଜଳସମ୍ପଦ ବିଭାଗ ମନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି ।

*******************************